# NATIONAL NEWS BULLETIN (ODIA)

## 4 October - 2025

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ୬୨ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଯୁବ କୈନ୍ଦ୍ରୀୟ ପଦକ୍ଷେପର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ଦେଶର ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସର୍ବଭାରତୀୟ ପରୀକ୍ଷା ଜରିଆରେ ପୂରଣ କରାଯିବ ୨୦ ପ୍ରତିଶତ ଆସନ ।
- ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଯୋଗୁଁ ଦେଶର ଚମଡା ଶିଳ୍ପକୁ ମିଳୁଛି ସହଜ ବ୍ୟବସାୟର ଲାଭ ।
- ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ ପକ୍ଷରୁ ଡିଜିଟାଲ ରେଡ଼ିଓ ପ୍ରସାରଣ ନୀତି ପ୍ରସ୍ତୁତ କରିବା ନିମନ୍ତେ ମିଳିଲା ମଞ୍ଜୁରୀ ।

ଏବଂ

- ଅହମ୍ମଦାବାଦ କ୍ରିକେଟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୫ ୱିକେଟ୍ ହରାଇ କରିଛି ୪୪୮ ରନ୍ ।

# ପିଏମ୍-ୟୁଥ୍ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରୁ ୬୨ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଯୁବକୈନ୍ଦ୍ରିକ ପଦକ୍ଷେପର ଶୁଭାରମ୍ଭ କରିବେ । ଯୁବଦକ୍ଷତା ବୃଦ୍ଧି ଲାଗି ପ୍ରଧାନମନ୍ତ୍ରୀ ଦେଶବ୍ୟାପୀ ୧ହଜାର ସରକାରୀ ଆଇଟିଆଇର ବିକାଶ ନିମନ୍ତେ ପିଏମ୍ ସେତୁ ଯୋଜନାର ଶୁଭାରମ୍ଭ କରିବେ । ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ବିହାରର ପୁର୍ନଗଠିତ ମୁଖ୍ୟମନ୍ତ୍ରୀ ନିଶ୍ଚୟ ସ୍ୱୟଂ ସହାୟତା ଭତ୍ତା ଯୋଜନାର ମଧ୍ୟ ଶୁଭାରମ୍ଭ କରିବେ । ଏହି ଯୋଜନାରେ ୫ଲକ୍ଷ ସ୍ନାତକଙ୍କୁ ୨ ବର୍ଷ ପାଇଁ ମାସିକ ୧ ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯିବ । ବୃତ୍ତିଗତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ବିହାରରେ ଜନନାୟକ କର୍ପୁରୀ ଠାକୁର ଦକ୍ଷତା ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିବେ । ଶ୍ରୀ ମୋଦୀ ବିହାରର ୪ଟି ବିଶ୍ୱବିଦ୍ୟାଳୟରେ ନୂତନ ଶୈକ୍ଷିକ ଓ ଗବେଷଣା ସୁବିଧାର ଆରମ୍ଭ କରିବା ସହ ବିହଟା ଏନ୍ଆଇଟି ପାଟନାର ନୂତନ କ୍ୟାମ୍ପସ ଉଦ୍‌ଘାଟନ କରିବେ । ଆଜିର କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନବୋଦୟ ବିଦ୍ୟାଳୟ ଏବଂ ଏକଲବ୍ୟ

ଆଦର୍ଶ ଆବାସିକ ବିଦ୍ୟାଳୟରେ ପ୍ରତିଷ୍ଠିତ ୧ହଜାର ୨ଶହ ବୃତ୍ତିଗତ ଦକ୍ଷତା ଲ୍ୟାବ୍‌ର ଉଦ୍‌ଘାଟନ କରିବେ ।

## ଶିବରାଜ-ଏଗ୍ରିକଲଚର ୟୁନିଭରସିଟି

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କୃଷି ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସ୍ନାତକ ପାଠ୍ୟକ୍ରମରେ ନାମଲେଖାଇବା ନିମନ୍ତେ ୨୦ ପ୍ରତିଶତ ଛାତ୍ରଛାତ୍ରୀ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ପୂରଣ କରିବାକୁ ଘୋଷଣା କରିଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ କୃଷି ଗବେଷଣା ପରିଷଦ ଏକ ରାଷ୍ଟ୍ର, ଏକ କୃଷି, ଏକ ଦଳ ଭାବନାକୁ ଦୃଷ୍ଟିରେ ରଖି ଏହି ପରୀକ୍ଷା ପରିଚାଳନା କରିବେ । ଦ୍ୱାଦଶ ଶ୍ରେଣୀରେ ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଗଣିତ କିମ୍ବା କୃଷି ବିଷୟ ରଖି ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଜାତୀୟ ପ୍ରବେଶିକା ପରୀକ୍ଷା ମାଧ୍ୟମରେ କୃଷି ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଆଡମିଶନ ନେଇପାରିବେ । ଏହି ବିଷୟ ଘୋଷଣା ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ଏହି ନିଷ୍ପତ୍ତି ଫଳରେ ଦେଶର ଛାତ୍ରଛାତ୍ରୀଙ୍କ ପାଇଁ କୃଷି ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଆଡମିଶନ ପ୍ରକ୍ରିୟା ସମାନ ହୋଇପାରିବ । ଚଳିତ ଶିକ୍ଷାବର୍ଷରୁ

ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ପ୍ରାୟ ୩ହଜାର ଛାତ୍ରଛାତ୍ରୀ ଏହି ପ୍ରକ୍ରିୟା ଦ୍ୱାରା ଲାଭବାନ ହେବେ ବୋଲି ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ।

**V/O (Shivraj Singh Chouhan)**

# ଇସି-ସେଣ୍ଟ୍ରାଲ ଅବଜରଭର

କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମାନଙ୍କୁ ରାଜନୈତିକ ଦଳ, ପ୍ରାର୍ଥୀ ଏବଂ ଭୋଟରଙ୍କ ଅଭିଯୋଗର ସମାଧାନ ଲାଗି ସବୁ ସମୟରେ ପ୍ରସ୍ତୁତ ରହିବାକୁ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ବିହାର ସାଧାରଣ ନିର୍ବାଚନ ଏବଂ କେତେକ ରାଜ୍ୟରେ ଉପନିର୍ବାଚନ ପାଇଁ ନିୟୋଜିତ ହେବାକୁ ଥିବା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କୁ ସୂଚନା ଦେଇ ଶ୍ରୀ କୁମାର କହିଛନ୍ତି, ସେମାନେ ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ କରି ଭୋଟରଙ୍କ ସୁବିଧା ପାଇ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକର କାର୍ଯ୍ୟକାରୀତା ସୁନିଶ୍ଚିତ କରିବେ । ଏହାବ୍ୟତୀତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ନିର୍ବାଚନ ଆଇନ୍ ଅନୁଯାୟୀ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ୨୮୭ଜଣ ଆଇଏସ୍ ଅଧିକାରୀ, ୫୮ଜଣ ଆଇପିଏସ୍ ଅଧିକାରୀ ଏବଂ

ଅନ୍ୟାନ୍ୟ ସେବାର ୮୦ଜଣ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ । କମିଶନ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ ।

## ଜି.ଏସ୍.ଟି. ରିଫର୍ମସ - ଷ୍ଟେସନାରୀ ଆଇଟମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଘୋଷଣା କରାଯାଇଥବା ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ସମାଜର ସମସ୍ତ ବର୍ଗର ଲୋକଙ୍କୁ ଲାଭ ଦେଉଥିବା ଜଣାପଡ଼ିଛି । ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି । ବିଭିନ୍ନ ସେବା ଏବଂ ସାମଗ୍ରୀ ଉପରେ ଟିକସ ହ୍ରାସ ପାଇବାଦ୍ୱାରା ସାଧାରଣ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଦେଶର ଚମଡା ଶିଳ୍ପ ଏବଂ ଜୋତା ଉତ୍ପାଦ ଉପରେ ଟିକସ ହ୍ରାସ କରିବା ଫଳରେ ସେହି ଶିଳ୍ପ ସମନ୍ୱିତ ଢ଼ଙ୍ଗରେ କାର୍ଯ୍ୟ କରିପାରିବ ବୋଲି କୁହାଯାଇଛି ।

***Voice (PM Modi - GST)*** :..........

ଦେଶର ଲୋକମାନଙ୍କ ଆର୍ଥିକ ବୋଝ କମ୍ କରିବା ଉଦ୍ଦେଶ୍ୟରେ ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାରରେ କେନ୍ଦ୍ର ସରକାର ଚମଡ଼ା ଏବଂ ଜୋତା ଉତ୍ପାଦ ଉପରେ ଟିକସ ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ

କରିଛନ୍ତି । ୨ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ଜୋତା ମୂଲ୍ୟରେ ଏବେ କେବଳ ୫ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଛି, ଯାହାଫଳରେ ଯୁବ ଗ୍ରାହକମାନେ ଅଧିକରୁ ଅଧିକ ଉନ୍ନତ ବ୍ରାଣ୍ଡ୍‌ର ଜୋତା କ୍ରୟ କରିପାରିବେ । ଏଥିସହିତ ଚମଡ଼ା ଜାତୀୟ ବିଭିନ୍ନ ଜୋତା ପ୍ରସ୍ତୁତି ଉପରେ ମଧ୍ୟ ଜିଏସ୍‌ଟିକୁ ୭ ପ୍ରତିଶତ ହ୍ରାସ କରାଯାଇ ୫ ପ୍ରତିଶତ କରାଯାଇଛି । ଏହି ଟିକସ ହ୍ରାସ ଯୋଗୁଁ ଘରୋଇ ଏବଂ ରପ୍ତାନୀ ବଜାରରେ ଚମଡ଼ା ଶିଳ୍ପ ଓ ଏହାର ଉତ୍ପାଦର ବୃଦ୍ଧି ଘଟିବା ସହ ବ୍ୟବସାୟ ସହଜ ହୋଇପାରିବ ବୋଲି ଜଣେ ବିକ୍ରେତା କହିଛନ୍ତି...

*Voice (GST Footwear)* :..........

# ଟ୍ରାଇ-ଡିଜିଟାଲ ରେଡ଼ିଓ

ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ-ଟ୍ରାଇ ଘରୋଇ ରେଡ଼ିଓ ପ୍ରସାରଣକାରୀଙ୍କ ପାଇଁ ଏକ ଡିଜିଟାଲ ରେଡ଼ିଓ ପ୍ରସାରଣ ନୀତି ପ୍ରସ୍ତୁତ କରିବା ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥିରେ ଏ ପ୍ଲସ ବର୍ଗରେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ଓ ୯ଟି ଏ ବର୍ଗର ସହର ହାଇଦ୍ରାବାଦ, ବେଙ୍ଗାଲୁରୁ, ଅହମ୍ମଦାବାଦ, ସୁରଟ, ପୁଣେ, ଜୟପୁର, ଲକ୍ଷ୍ନୌ, କାନପୁର ଓ ନାଗପୁରରେ ଡିଜିଟାଲ ରେଡ଼ିଓ ପ୍ରସାରଣ ସେବା

ଆରମ୍ଭ କରିବା ଲାଗି ସଂରକ୍ଷିତ ମୂଲ୍ୟ ବିଷୟକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଟ୍ରାଇ ପକ୍ଷରୁ କୁହାଯାଇଛି ଯେ ଡିଜିଟାଲ ରେଡ଼ିଓ ପ୍ରସାରଣ ପାଇଁ ଅନୁମୋଦନ ଅବଧି ୧୫ ବର୍ଷ ହେବା ଉଚିତ୍ । ଏହାବ୍ୟତୀତ ପ୍ରସାରଭାରତୀ ସମ୍ପୂର୍ଣ୍ଣ ପରିଚାଳନା ଖର୍ଚ୍ଚ ଆଦାୟ କରିବା ସହ ତା'ର ନିଜସ୍ୱ ଜମି, ଟାୱାର ଏବଂ ଭିତ୍ତିଭୂମି ରିହାତି ହାରରେ ଘରୋଇ ପ୍ରସାରକମାନଙ୍କୁ ଦେବା ଆବଶ୍ୟକ । ଗତବର୍ଷ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଘରୋଇ ରେଡ଼ିଓ ପ୍ରସାରକଙ୍କ ପାଇଁ ଏକ ଡିଜିଟାଲ ରେଡ଼ିଓ ପ୍ରସାରଣ ନୀତି ପ୍ରସ୍ତୁତ କରିବା ନିମନ୍ତେ ଟ୍ରାଇକୁ ଦାୟିତ୍ୱ ଦେଇଥିଲା ।

## ନବରାତ୍ରି ସେଲ୍ସ

ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ପରେ ଭାରତୀୟ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଗତ ଦଶନ୍ଧି ମଧ୍ୟରେ ଗତ ନବରାତ୍ରିରେ ସର୍ବାଧିକ ବିକ୍ରି ହୋଇଥିବା ଜଣାପଡିଛି । ଜିଏସ୍‌ଟି ଟିକସ ହ୍ରାସ ଯୋଗୁଁ ସୁଲଭ ମୂଲ୍ୟରେ ଜିନିଷପତ୍ର ମିଳିବା ଫଳରେ ଅଧିକରୁ ଅଧିକ ଗ୍ରାହକମାନଙ୍କର କ୍ରୟଶକ୍ତି ବୃଦ୍ଧି ପାଇଛି । ଗତ ନବରାତ୍ରି ସମୟରେ

ଯାନବାହନ, ଘରୋଇ ଉପକରଣ ଓ ଜୀବନଶୈଳୀ ସହ ସଂପୃକ୍ତ ଉପକରଣ ଗୁଡ଼ିକ ବହୁଳ ପରିମାଣରେ ବିକ୍ରି ହୋଇଛି । ପ୍ରମୁଖ କାର୍ ନିର୍ମାତା କମ୍ପାନୀଗୁଡ଼ିକ ରେକର୍ଡ ସଂଖ୍ୟକ ବିକ୍ରି କରିଥିବା ସୂଚନା ଦିଆଯାଇଛି । ଗତବର୍ଷ ନବରାତ୍ରି ସମୟରେ ବିକ୍ରିବଟା ୬୦ ପ୍ରତିଶତ ଥିବାବେଳେ ଚଳିତବର୍ଷ ଏହା ଶତ ପ୍ରତିଶତ ହୋଇଛି ।

## ଡବ୍ଲ୍ୟୁବି/ବିହାର-ଇସିଆଇ ଭିଜିଟ୍

ଭାରତୀୟ ନିର୍ବାଚନ ଆୟୋଗଙ୍କ ଏକ ପ୍ରତିନିଧି ଦଳ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନେଇ ପଶ୍ଚିମବଙ୍ଗ ଗସ୍ତ କରିବେ । ଆୟୋଗଙ୍କ ବରିଷ୍ଠ ଉପ ନିର୍ବାଚନ ଆୟୋଗ ଜ୍ଞାନେଶ ଭାରତୀଙ୍କ ନେତୃତ୍ୱରେ ଏହି ଦଳ ଆସନ୍ତା ୭ ତାରିଖରେ ପଶ୍ଚିମବଙ୍ଗ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ୮ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଆଭାସୀ ଜରିଆରେ ନିର୍ବାଚନ ଆୟୋଗ ଦଳ ସହ ବୈଠକରେ ଯୋଗଦେବେ । ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନେଇ ବୈଠକରେ ଆଲୋଚନା କରାଯିବ । ଉଚ୍ଚସ୍ତରୀୟ ଦଳ ରାଜ୍ୟର କେତେକ ଜିଲ୍ଲା ଗସ୍ତ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ଅକ୍ଟୋବର ୯ ତାରିଖରେ ସଂପୃକ୍ତ ଦଳ ଦିଲ୍ଲୀ ଫେରିଆସିବେ ବୋଲି ଜଣାପଡିଛି ।

ଅନ୍ୟପକ୍ଷରେ ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ଦଳ ଦୁଇଦିନିଆ ଗସ୍ତରେ ଯାଇ ବିହାରରେ ପହଞ୍ଚିଛନ୍ତି । ଆସନ୍ତା ବିହାର ବିଧାନସଭା ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟ ତଦାରଖ ନିମନ୍ତେ ନିର୍ବାଚନ କମିସନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ଏହି ଦଳରେ ବିହାର ଗସ୍ତ କରିଛନ୍ତି ।

ଗସ୍ତର ପ୍ରଥମ ଦିନରେ ଆଜି ଆୟୋଗ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ସେମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିବେ । ପରେ କମିଶନ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ପ୍ରଶାସନ ସହ ବୈଠକ କରିବେ । ବୈଠକରେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ପୁଲିସ ମହାନିର୍ଦ୍ଦେଶକ, ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ନିର୍ବାଚନ ଅଧିକାରୀ ଏବଂ ସମସ୍ତ ଉପଖଣ୍ଡସ୍ତରୀୟ ପୋଲିସ କମିଶନର ଓ ଜିଲ୍ଲା ପୁଲିସ ମୁଖ୍ୟ ଯୋଗଦେବେ ।

ଗସ୍ତର ଦ୍ୱିତୀୟ ଦିନରେ ଆସନ୍ତାକାଲି ନିର୍ବାଚନଆୟୋଗ ବିଭିନ୍ନ ନିୟମ ପ୍ରଣୟନକାରୀ ସଂସ୍ଥା ସହ ଆଲୋଚନା କରିବେ । ରାଜ୍ୟରେ ମୁକ୍ତ ଓ ଅବାଧ ନିର୍ବାଚନ ଲାଗି କଳାଧନ କାରବାର ରୋକିବା ଏବଂ ମାଦକଦ୍ରବ୍ୟର ଅପପ୍ରସାର ଦିଗରେ ପଦକ୍ଷେପ ନେବା ଆଦି ବିଷୟ

ଆଲୋଚନା ହେବ । ଏହି ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟ ପୁଲିସ ନୋଡାଲ ଅଧିକାରୀ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳର ନୋଡାଲ ଅଧିକାରୀଙ୍କ ସହ ବୈଠକ କରିବେ । ବୈଠକରେ ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ । ଆସନ୍ତାକାଲି ଅପରାହ୍ଣ ୨ଟାରେ ଆୟୋଗଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯିବ ।

## କ୍ରିକେଟ୍ : ଇଣ୍ଡିଆ-ୱେଷ୍ଟଇଣ୍ଡିଜ୍

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଚାଲିଥିବା ଦୁଇ ମ୍ୟାଚ୍ ସିରିଜ୍‌ର ପ୍ରଥମ ଟେଷ୍ଟର ଗତକାଲି ଦ୍ୱିତୀୟ ଦିନ ଖେଳରେ ଭାରତ ୫ ୱିକେଟ ହରାଇ ୪୪୮ ରନ୍ ସଂଗ୍ରହ କରିଛି। ଧ୍ରୁବ ଜୁଏଲ, ରବୀନ୍ଦ୍ର ଜାଡେଜା ଏବଂ କେ.ଏଲ୍ ରାହୁଲଙ୍କ ଶତକୀୟ ଇନିଂସ ବଳରେ ଭାରତ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୨୮୬ର ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଜାଡେଜା ୧୦୪ ରନ୍ ଏବଂ ୱାଶିଂଟନ ସୁନ୍ଦର ୯ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି। ଧ୍ରୁବ୍ ଜୁରେଲ୍ ୧୨୫ ରନ୍ କରିଥିବା ବେଳେ ରାହୁଲ ୧୦୦ ରନ୍ ସଂଗ୍ରହ

କରିଥିଲେ। ପୂର୍ବରୁ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୬୨ ରନ୍ କରିବାକୁ ସମର୍ଥ ହୋଇଥିଲା।